
## ପ୍ରଥମ ଅଧ୍ୟାୟ

# ସାଧାରଣ ଦୁର୍ଘଟଣା

ଦିନେ ମିଟୁ ସାଇକେଲରେ ଲିଟୁକୁ ବସାଇ ଖୁସିଗପ କରି ଯାଉଥିଲା । ରାସ୍ତାଆଡ଼େ ତା'ର ନଜର ନ ଥିଲା । ହଠାତ୍ ସେମାନଙ୍କ ଆଗକୁ କୁକୁରଟିଏ ଆସିଗଲା । ମିଟୁ ସାଇକେଲ ଅଟକାଇ ପାରିଲା ନାହିଁ । ସେମାନେ ତଳେ କଚଡ଼ି ହୋଇ ପଡ଼ିଗଲେ । ତଳେ ପଡ଼ି ରଡ଼ି ଛାଡ଼ିଲେ, ଖଣ୍ଡିଆଖାବରା ମଧ୍ୟ ହେଲେ । ଏହି ସମୟରେ ମିଟୁର ମାମୁ ସେହି ବାଟ ଦେଇ ଯାଉଥିଲେ । ସେମାନଙ୍କର ଏପରି ଅବସ୍ଥା ଦେଖି ବ୍ୟସ୍ତ ହେଲେ ଓ ବିରକ୍ତ ମଧ୍ୟ ହେଲେ । ସେମାନଙ୍କୁ ଉଠାଉଠି କରି କହିଲେ ''ସାବଧାନ ହୋଇ ସାଇକେଲ ଚଲାଇଥିଲେ ଏପରି ଦୁର୍ଘଟଣା ଘଟି ନ ଥାଆନ୍ତା । ସାଧାରଣତଃ ଅସାବଧାନତା ଯୋଗୁ ନିତିଦିନିଆ ଜୀବନରେ ଏହିପରି ଅନେକ ଦୁର୍ଘଟଣା ଘଟିଥାଏ ।''

ତଳେ ଥିବା ଯୋଡ଼ା ଚିତ୍ର ମଧ୍ୟରୁ କେଉଁ ଚିତ୍ରରେ ଦୁର୍ଘଟଣା ଘଟିବାର ସମ୍ଭାବନା ଅଛି ଓ କାହିଁକି ?







ଯେପରି –

ଏଠାରେ ଦୁର୍ଘଟଣା ଘଟିବାର ସମ୍ଭାବନା ଅଛି । କାରଣ ଟ୍ରେନ୍ ଆସୁଛି ଏବଂ ଗେଟ୍ ପଡ଼ିଥିଲେ ମଧ୍ୟ ଲୋକ ଓ ସାଇକେଲ୍ ଚାଳକ ଗଳି ଯିବା ଆସିବା କରୁଛନ୍ତି ।

ଏଠାରେ ଦୁର୍ଘଟଣା ଘଟିବାର ସମ୍ଭାବନା ନାହିଁ । କାରଣ ଟ୍ରେନ୍ ଆସୁଥିବାର ଦେଖି ଲେଭଲ୍ କ୍ରସିଂରେ ଗାଡ଼ି ଚାଳକ ଓ ଲୋକମାନେ ଟ୍ରେନ୍ ଯିବା ପର୍ଯ୍ୟନ୍ତ ଅପେକ୍ଷା କରିଅଛନ୍ତି ।

■ ପ୍ରତ୍ୟେକ ଧାଡ଼ିରେ ଥିବା ଚିତ୍ର ଦୁଇଟି ମଧ୍ୟରୁ କେଉଁଟି ତୁମର ପସନ୍ଦ ଓ କାହିଁକି ?



ଚିତ୍ର - ୧ (କ)



(ଖ)



ଚିତ୍ର - ୨ (କ)



(ଖ)







ଚିତ୍ର - ୩ (କ) (ଖ)







ଚିତ୍ର - ୪ (କ) (ଖ)







ଚିତ୍ର - ୫ (କ) (ଖ)






ଚିତ୍ର - ୬ (କ) (ଖ)






ଚିତ୍ର - ୭ (କ) (ଖ)



ଚିତ୍ର - ୮ (କ)



(ଖ)



ଚିତ୍ର - ୯ (କ)



(ଖ)




ଚିତ୍ର - ୧୦ (କ)



(ଖ)



ଚିତ୍ର - ୧୧ (କ)



(ଖ)

______________________ ______________________

______________________ ______________________

______________________ ______________________

ଉପର ଚିତ୍ରରୁ ଆମେ ଜାଣିଲୁ ଦୁର୍ଘଟଣାର କାରଣଗୁଡ଼ିକ ହେଉଛି :

- ______________________
- ______________________
- ______________________
- ______________________
- ______________________
- ______________________
- ______________________
- ______________________
- ______________________

"ଆମେ ଯଦି ଅନ୍ୟ ମନସ୍କ ହେବା, ଅସାବଧାନ ହେବା, ନିୟମ ମାନି କାମ ନ କରିବା, ତାହାହେଲେ ଦୁର୍ଘଟଣା ଘଟିବ''



**ତୁମେ ଜାଣ କି ?**

ଯେଉଁ ସବୁ ଘଟଣା ହଠାତ୍ ଘଟି ଆମର କ୍ଷତି କରିଥାଏ ଓ ଆମକୁ ଦୁଃଖ ଦେଇଥାଏ, ତାହାକୁ ଆମେ ଦୁର୍ଘଟଣା କହିଥାଉ ।

## ଆସ ଜାଣିବା, କ'ଣ କଲେ ଆମେ ଦୁର୍ଘଟଣାର ସମ୍ମୁଖୀନ ହେବାନାହିଁ-

- ଛୁରି, ପନିକି ଭଳି ଧାରୁଆ ଅସ୍ତ୍ରରେ କଟାକଟି କଲାବେଳେ ଅନ୍ୟମନସ୍କ ହେବା ନାହିଁ।
- ଚୁଲିଠାରୁ ଦୂରରେ ବସିବା। ନିଜ ଲୁଗା କାନିରେ ରୋଷେଇ ଜିନିଷ ଧରିବା ନାହିଁ।
- କୁରାଢ଼ିରେ କାଠ ହାଣିଲାବେଳେ ବା ଫାଉଡ଼ାରେ ମାଟି ଖୋଳିଲାବେଳେ ସାବଧାନ ରହିବା।
- ସିଲେଇ ମେସିନ୍ ବା ଅନ୍ୟାନ୍ୟ କଳରେ କାମ କଲାବେଳେ ସାବଧାନ ସହ କଳ ଚଳାଇବା ଯେପରି ଶରୀରର କୌଣସି ଅଙ୍ଗ ମେସିନ୍ ଭିତରେ ନ ପଶେ।
- ବିଦ୍ୟୁତ୍ ସରଞ୍ଜାମ ବ୍ୟବହାର କଲାବେଳେ ଛୋଟ ପିଲାଙ୍କୁ ଦୂରେଇ ରଖିବା । ଓଦା ହାତରେ ବିଦ୍ୟୁତ ଯନ୍ତ୍ରପାତିକୁ ବ୍ୟବହାର କରିବା ନାହିଁ।
- ମେନ୍‌ସୁଇଚ ବନ୍ଦ କରି ବିଦ୍ୟୁତ୍ ତାର ଓ ଅନ୍ୟାନ୍ୟ ସରଞ୍ଜାମ ମରାମତି କରିବା।
- ରାସ୍ତାରେ ନିୟମମାନି (ଟ୍ରାଫିକ୍ ନିୟମ) ଯାତାୟାତ କରିବା।
- ରାସ୍ତାରେ ଖେଳିବା ନାହିଁ ବା ରାସ୍ତା ଅବରୋଧ କରିବା ନାହିଁ।
- ନିଆଁ ସହ ଖେଳବା ନାହିଁ।
- ଛାତର ଧାରରେ ଛିଡ଼ା ହେବା ନାହିଁ।
- ବାଣକୁ ଦୂରରେ ରଖି ଫୁଟାଇବା।
- ରେଳଗାଡ଼ି ଆସୁଥିଲେ ଲେଭଲକ୍ରସିଂ ଅତିକ୍ରମ କରିବା ନାହିଁ। ଫାଟକ ବନ୍ଦଥିଲେ ଖୋଲିବାଯାଏ ଅପେକ୍ଷା କରିବା।

"ଆମେ ଯଦି ଅନ୍ୟ ମନସ୍କ ନ ହେବା, ଟିକିଏ ସାବଧାନ ହେବା, ନିୟମ ମାନି କାମ କରିବା ତାହାହେଲେ ଦୁର୍ଘଟଣା ଘଟିବ ନାହିଁ ।''

## ଦୁର୍ଘଟଣାର ପରବର୍ତ୍ତୀ ପ୍ରାଥମିକ ପଦକ୍ଷେପ

ଦୁର୍ଘଟଣା ପରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ ଚିକିତ୍ସା ପାଇଁ ଡାକ୍ତରଖାନା ନେବା ପୂର୍ବରୁ କେତେକ ସାଧାରଣ ଚିକିତ୍ସା ବ୍ୟବସ୍ଥା କରିବାକୁ ପଡ଼ିଥାଏ, ଯାହା ଫଳରେ ଲୋକଟିର ଦେହ ଅଧିକ ଖରାପ ହେବ ନାହିଁ। ଏପରି ଚିକିତ୍ସାକୁ ପ୍ରାଥମିକ ଚିକିତ୍ସା କୁହାଯାଏ। ଉପର ଶ୍ରେଣୀରେ ଏ ବିଷୟରେ ଅଧିକ ଜାଣିବା। ତଥାପି ଆମେ ବର୍ତ୍ତମାନ କେତୋଟି ସହଜ ପ୍ରାଥମିକ ଚିକିତ୍ସା ସଂପର୍କରେ ଏଠାରେ ଆଲୋଚନା କରିବା।

ଖଣ୍ଡିଆ ହୋଇଥିବା ସ୍ଥାନରୁ ରକ୍ତ ବାହାରୁଥିଲେ ତାକୁ କନାରେ ବାନ୍ଧି ରକ୍ତ ବୋହିବା ବନ୍ଦ କରିବାକୁ ଚେଷ୍ଟା କରିବା।



ହାଡ଼ ଭାଙ୍ଗିଥିଲେ ସେହି ଭଙ୍ଗା ହାଡ଼କୁ କାଠପଟା ଦେଇ ବାନ୍ଧି ହଲଚଲ ନ କରି ଡାକ୍ତରଙ୍କ ପାଖକୁ ପଠାଇଦେବା ।

ପୋଡ଼ି ଯାଇଥିବା ଅଂଶକୁ ଥଣ୍ଡା ପାଣିରେ ପୋଡ଼ାଜଳା କମିବା ପର୍ଯ୍ୟନ୍ତ ବୁଡ଼ାଇ ରଖିବା । ତୁଟୁକା ଚିକିତ୍ସା ନକରି ଶୀଘ୍ର ଡାକ୍ତରଙ୍କ ପାଖକୁ ନେଇଯିବା ।

ଏହିଭଳି ତୁମ ଦୈନନ୍ଦିନ ଜୀବନରେ ଜାଣିଥିବା ବା ଶୁଣିଥିବା ଦୁର୍ଘଟଣାଗୁଡ଼ିକ ବର୍ଣ୍ଣନାକର ଓ ନିମ୍ନସ୍ଥ ସାରଣୀରେ ସେହି ଦୁର୍ଘଟଣା ପରେ କି କି ପ୍ରାଥମିକ ପଦକ୍ଷେପ ଗ୍ରହଣ କରିବ, ଲେଖ ।

| ଦୁର୍ଘଟଣାର ବର୍ଣ୍ଣନା | କି କି ପ୍ରାଥମିକ ପଦକ୍ଷେପ ନିଆଯିବ |
|---|---|
| ୧. କାନ୍ଥରେ କଣ୍ଟା ବାଡ଼େଇବା ସମୟରେ ହାତୁଡ଼ିର ପାହାର ହାତରେ ବାଜି ଚମଡ଼ା ତଳେ ରକ୍ତଜମାଟ ବାନ୍ଧିଛି । | – କ୍ଷତ ସ୍ଥାନରେ ବରଫ / ଥଣ୍ଡା ପାଣି ଦିଆଯିବ |
| ୨. | |
| ୩. | |
| ୪. | |
| ୫. | |

## ପ୍ରାଥମିକ ଚିକିତ୍ସା ବାକ୍ସ





# ଅଭ୍ୟାସ

୧. କେଉଁ ଜାଗାରେ କି କି ଦୁର୍ଘଟଣା ଘଟିପାରେ ଓ ସେହି ଦୁର୍ଘଟଣାକୁ ଏଡ଼ାଇବା ପାଇଁ କେଉଁ ପ୍ରକାରର ସାବଧାନତା ଅବଲମ୍ବନ କରିବ ତାହା ନିମ୍ନରେ ଲେଖ।

| ସ୍ଥାନ | କେଉଁ ପ୍ରକାର ଦୁର୍ଘଟଣା ଘଟିପାରେ | କି କି ସାବଧାନତା ଅବଲମ୍ବନ କରାଯିବ |
|---|---|---|
| ରୋଷେଇଘରେ | | |
| ବିଦ୍ୟୁତ୍‌ସରଞ୍ଜାମ ବ୍ୟବହାର ସମୟରେ | | |
| ଛାତରେ ଗୁଡ଼ି ଉଡ଼ାଇବା ସମୟରେ | | |
| ରାସ୍ତା ପାର ହେବା ସମୟରେ | | |
| ବାଣ ଫୁଟାଇବା ସମୟରେ | | |

୨. ଠିକ ଉକ୍ତି ପାଖରେ (✓) ଚିହ୍ନ ଓ ଭୁଲ ଉକ୍ତି ପାଖରେ (×) ଚିହ୍ନ ଦିଅ।

କ) ସବୁଜବତୀ ଜଳିଲେ ରାସ୍ତା ପାର ହେବା। ☐

ଖ) ତତଲା ଜିନିଷକୁ ଖାଲି ହାତରେ ଉଠାଇବା। ☐

ଗ) ରାସ୍ତାରେ ସାଇକେଲରେ ଯିବା ବେଳେ ଦଳବାନ୍ଧି ଯିବା। ☐


ଘ) ଶିଉଳି ଲାଗିଥିବା ବା ତେଲ ପଡ଼ିଥିବା ଚଟଣା ଉପରେ ଯିବା ଆସିବା କରିବା। ☐

ଙ) ଖେଳର ନିୟମ ମାନି ଚଳିବା। ☐

ଚ) ଓଦାହାତରେ ବିଦ୍ୟୁତ୍ ସରଞ୍ଜାମର ସୁଇଚ୍ ନ ଟିପିବା। ☐



୩.　　　ଆମେ ଅସାବଧାନ ହେଲେ କ'ଣ ହେବ ଲେଖ ।








**ତୁମ ପାଇଁ କାମ-**

- ଗତ ପନ୍ଦରଦିନ ମଧ୍ୟରେ ଖବର କାଗଜରେ ବାହାରିଥିବା କୌଣସି ଏକ ଦୁର୍ଘଟଣା ବିଷୟରେ ଲେଖ । କ'ଣ କରିଥିଲେ ସେହି ଦୁର୍ଘଟଣା ଏଡ଼ାଇ ଦିଆଯାଇଥାନ୍ତା, ସେ ସଂପର୍କରେ ତୁମ ମତାମତ ଦିଅ ।
- ତୁମ ସ୍କୁଲରେ କେବେ ଘଟିଥିବା କୌଣସି ଦୁର୍ଘଟଣା ସମ୍ପର୍କରେ ଆଲୋଚନା କରି ଏହାର କାରଣ ଓ ନିଆଯାଇଥିବା ପ୍ରାଥମିକ ପଦକ୍ଷେପ ବିଷୟରେ ଲେଖ ।